

# ବର୍ଷା ଋତୁରେ କୁକୁଡ଼ାଙ୍କ ଯତ୍ନ

ଭାରତ ଏକ କୃଷିପ୍ରଧାନ ଦେଶ । ଏଠି ବାସ କରୁଥିବା ଲୋକ କୃଷି, ମାଛ ଚାଷ, ଗୋ-ପାଳନ ଓ କୁକୁଡ଼ା ପାଳନ ଆଦି କରି ନିଜର ଜୀବିକା ନିର୍ବାହ କରନ୍ତି । ଓଡିଶା ର ଭୌଗୋଳିକ ଅବସ୍ଥିତି ଅନୁସାରେ ଏଠାରେ ଥିବା ଚାଷୀ ପୁରାତନ ସମୟରୁ ବର୍ଷା ଉପରେ ଚାଷ କାର୍ଯ୍ୟ ନିର୍ଭର କରି ଆସୁଛନ୍ତି । କଥାରେ ଅଛି " ଜଳ ବିହୁନେ ସୃଷ୍ଟି ନାସା ଓ ଜଳ ବହୁଳେ ସୃଷ୍ଟି ନାସା " ଠିକ ସେହି ପରି ବର୍ଷା ଋତୁ ର ଆଗମନରେ ଚାଷୀଙ୍କ ମନରେ ଚାଷକୁ ନେଇ ଯେତିକି ଅନନ୍ଦ ସଂଚାର ହୋଇଥାଏ, ବର୍ଷା ଜନିତ କୁ ପ୍ରଭାବ କୁ ନେଇ ସେତିକି ଚିନ୍ତିତ ବି ହୋଇଥାନ୍ତି । ବର୍ଷା ଋତୁରେ ଦକ୍ଷିଣ- ପଶ୍ଚିମ ମୌସୁମୀ ର ପବହ ଯୋଗୁ ପ୍ରଚୁର ବର୍ଷା ହୁଏ । ଏହି ଋତୁରେ ଅନେକ ପ୍ରାକୃତିକ ଦୁର୍ବିପାକର ମଧ୍ୟ ଦୃଷ୍ଟାନ୍ତ ରହିଅଛି ।

କୁକୁଡ଼ା ପାଳନ ଏକ ଲାଭଦାୟକ ଚାଷ ଅଟେ । ଏହି କୁକୁଡ଼ା ପାଳନ କରି ଗ୍ରାମାଞ୍ଚଳ ମାନଙ୍କରେ ଚାଷୀ ମାନେ ବହୁତ ଲାଭବାନ ହେଉଛନ୍ତି । କିନ୍ତୁ କୁକୁଡ଼ା ପାଳନ କରୁଥିବା ଚାଷୀ ବର୍ଷା ଋତୁରେ କେତେକ ପରିଚାଳନା ଜନିତ ପରିବର୍ତନରେ ଧ୍ୟାନ ନ ଦେବାହେତୁ କ୍ଷତିଗ୍ରସ୍ତ ହୋଇଥାନ୍ତି ।

**ବର୍ଷା ଋତୁରେ କୁକୁଡ଼ା ଘର ର ଯତ୍ନ -**

- ବର୍ଷା ଆରମ୍ଭ ହେବା ପୂର୍ବରୁ କୁକୁଡ଼ା ଘର ର ଛାତ ର ମରାମତି କରିବା ଆବଶ୍ୟକ । ଛାତରେ କିଛି କଣା କି ଫାଙ୍କ ଆଦି କୁ ବନ୍ଦ କରିବା ଦରକାର ।
- ଛପର କିମ୍ବା ଛଣତିଆରି ଛାତ ହୋଇଥିଲେ ସେଥିରେ ପଲିଥିନ ଘୋଡାଇବା ଦରକାର ।
- କୁକୁଡ଼ା ଘର ର ଚଟାଣ ରେ ଥିବା ଫାଙ୍କ ଜାଗା କି ଗାତ କୁ ମଧ୍ୟ ବନ୍ଦ କରିବା ଦରକାର ।

# କୁକୁଡ଼ାଙ୍କ ଯତ୍ନ

- କୁକୁଡ଼ା ଘର ସାଧାରଣତଃ ଭୂମିଠୁ ସାମାନ୍ୟ ଉପରେ ତିଆରି କରା ହୋଇଥାଏ କିନ୍ତୁ ଯଦି ଆପଣଙ୍କର କୁକୁଡ଼ା ଘର ଖାଲୁଆ ଜାଗାରେ ଅବସ୍ଥିତ ତେବେ ଯେପରି ଘର ମଧ୍ୟକୁ ପାଣି ନ ପାଶେ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ ।
- କୁକୁଡ଼ା ଘର ଚାରିପଟେ ଉଠିଥିବା ବୁଦାଓ ଅନାବନା ଘାସ କୁ ସଫା କରିଦେବା ଦରକାର ।



## ଖାଦ୍ୟ ପରିଚାଳନା

ବର୍ଷା ଦିନରେ ଖାଦ୍ୟ ର ପରିଚାଳନା ଏକ ଜରୁରୀ ପରିଚାଳନା ଅଟେ । ବର୍ଷା ଋତୁରେ ଅଧିକ ବର୍ଷା ଯୋଗୁ ଜଳବାୟୁରେ ଆଦ୍ରତା ପରିମାଣ ବଢିଯାଏ ଫଳରେ କୁକୁଡ଼ା ମାନଙ୍କ ଖାଦ୍ୟ ରେ ଫଙ୍ଗସ ଅର୍ଥାତ କବକ ବଢିବା ଆରମ୍ଭ କରିଦିଏ । ଏହାର ଫଳ ସ୍ୱରୂପ କୁକୁଡ଼ା ଦାନାରେ ଅଫ୍ଲାଟକ୍ସିନ ର ପରିମାଣ ବଢିଯାଏ । ଅଫ୍ଲାଟକ୍ସିନ ଏକ ବିଷ ଅଟେ ଯେ କି କବକ ବଢିଥିବା ଖାଦ୍ୟରେ ଦେଖାଯାଏ । ଏହି ଅଫ୍ଲାଟକ୍ସିନ ବିଷ କୁକୁଡ଼ା ଖାଇଲେ ସେମାନଙ୍କର ଖାଦ୍ୟ ଖାଇବା ପରିମାଣ କମିଯାଏ, ସେମାନେ ଝଡି ଯାନ୍ତି, ଶରୀରର ବୃଦ୍ଧି ବାଧାପ୍ରାପ୍ତ ହୁଏ, କୁକୁଡ଼ାଙ୍କ ଯକୃତରେ ଟ୍ୟୁମର ହେବା ସହ କୁକୁଡ଼ା ମୃତ୍ୟୁବରଣ କରନ୍ତି। ତେଣୁ ଏହିପ୍ରତି ଧ୍ୟାନ ଦେବାକୁ



ପଡେ । ଏହି ଅସୁବିଧାରୁ ରକ୍ଷା ପାଇବା ପାଇଁ ସାଧାରଣତଃ ବର୍ଷ ଦିନରେ ବାହାରୁ ଦାନା କିଣାନ୍ତି ନାହିଁ। ଆଗରୁ ଦାନା କିଣି ବର୍ଷ ଦିନ କୁ ସଂଚିତ କରି ରଖିଥାନ୍ତି। ସଞ୍ଚିତ ଦାନା କୁ ମଝିରେ ମଝିରେ ଖରାରେ ଦେଲେ କବକ ବଢି ପାରନ୍ତି ନାହିଁ।

କୁକୁଡ଼ା ଖାଦ୍ୟ ଅର୍ଥାତ ଦାନା ରଖାଯାଉଥିବା ଗୋଦାମ ଗୃହ ର ବି ସଠିକ ଯତ୍ନ ନେବାକୁ ହୁଏ । ସେ ଗୃହରେ ଯେପରି ପାଣି ପ୍ରବେଶ ନ କରେ ସେଥିଲାଗି ଧ୍ୟାନ ଦେବାକୁ ପଡିବ । କୁକୁଡ଼ା ଦାନା କୁ ଭୂମିରେ ନ ରଖି ଇଟା କିମ୍ବା କାଠ ପଟା ଉପରେ ରଖିଲେ ଭୂମିରୁ ଆଦ୍ରତା ଶୋଷି ପରି ନଥାଏ । ମୂଷା ଭଳି ଅନ୍ୟାନ୍ୟ ଦାନା କୁ ଖାଇଦେଉଥିବା ସରୀସୃପ ଆଦିଙ୍କୁ ଗୋଦାମ ଗୃହରୁ ବାହାର କରିଦେବା ଦରକାର।

ବର୍ଷା ଦିନରେ ପରିବେଶର ତାମମାତ୍ର ହଠାତ କମିଜିବାରୁ କୁକୁଡ଼ା ମାନଙ୍କୁ ତାଙ୍କ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ଅଧିକ କ୍ୟାଲୋରୀ ର ଖାଦ୍ୟ ଦରକାର ହୁଏ। ସେଥିଲାଗି ବାହାରେ ଚରୁଥିବା କୁକୁଡ଼ା ମାନେ ଘାସ ଓ ଅନ୍ୟାନ୍ୟ ପୋକଜୋକ ଖାଇ ବଢୁଥିବା



କୁକୁଡ଼ା ମାନଙ୍କୁ ଏହି ଋତୁ ରେ ଦାନା ଦେବା ଦରକାର।

ଖାଦ୍ୟରେ ଜୀବାଣୁ ପରିମାଣ କମ କରିବା ଓ ପରଜୀବୀ ରୋଗ ରୁ ମୁକ୍ତି ପାଇଁ ଦାନା ପ୍ରସ୍ତୁତି ସମୟରେ ଟିକେ ବର୍ଦ୍ଧିତ ପରିମାଣରେ ଆଣ୍ଟିବାୟୋଟିକସ ଓ ପରଜୀବୀ- ନିରୋଧକ (କକସିଡ଼ିଓଷ୍ଟାଟ) ମିସାଇକି ଦେବା ଦରକାର । ଆଫ୍ଲାଟକ୍ସିନ ଆଦି ବିଷକୁ କମାଇବା ଲାଗି ବିଷ-ବନ୍ଧକ (ଟକ୍ସିନ ବାଇଣ୍ଡର) ମଧ ଟିକେ ଅଧିକ ପରିମାଣରେ ଦାନାରେ ଦିଆଯାଏ । ବର୍ଷା ଋତୁରେ ସାଧାରଣତଃ ବିଶୁଦ୍ଧ ପାନୀୟ ଜଳ ମିଳିବା କଷ୍ଟ କର ହୋଇଥାଏ । ତେଣୁ ଆମକୁ ଦୂଷିତ ପାଣି କୁ ବିଶୋଧନ କରିକି ଦେବା ଆବଶ୍ୟକ । ଖାଦ୍ୟ ଦେବା ପତ୍ର ଓ ପାଣି ପତ୍ର କୁ ସଫା କରିକି ବ୍ୟବହାର କରିବା ଆବଶ୍ୟକ।

**ଲିଟର ପରିଚାଳନା:**

କୁକୁଡ଼ା ମାନଙ୍କୁ ଡ଼ିପ ଲିଟର ବ୍ୟବସ୍ଥା ଅନୁସାରେ ଭୂମିରେ ଅଗାଡି ପକାଇକି ରଖନ୍ତି । ଏହାକୁ ଲିଟର କୁହନ୍ତି । ଏହି ଲିଟର ରେ କୁକୁଡ଼ା ମଳତ୍ୟାଗ କରନ୍ତି ଓ କିଛି ଦିନ ଗଲା ପରେ ଏହି ଲିଟର ଏକ ଉତ୍କୃଷ୍ଟ ଖତ ଭାବେ ବ୍ୟବହାର କରାଯାଏ । କିନ୍ତୁ ବର୍ଷା ଦିନରେ ଏହି ଲିଟର ରେ ପାଣି ଓ ଆଦ୍ରତା ଫଳରେ ଓଦା ହୋଇଯାଏ । ଏହି ଓଦା ଲିଟର ବିଭିନ୍ନ ଜୀବାଣୁ ଓ ପରଜୀବୀ ମନଙ୍କ ବୃଦ୍ଧି ନିମନ୍ତେ ଉତ୍କୃଷ୍ଟ ଅଟେ । ତେଣୁ ଏହି ଜୀବାଣୁ ଓ ପରଜୀବୀ ଯୁକ୍ତ ଲିଟର ଉପରେ ଚଲାବୁଲା କରି କୁକୁଡ଼ା ମାନେ ରୋଗଗ୍ରସ୍ତ ହୁଅନ୍ତି । ତେଣୁ ଲିଟର ଯେପରି ଅଧିକ ଓଦା ନ ହୁଏ ସେଥିଲାଗି ଧ୍ୟାନ ଦେବାକୁ ପଡେ । ଯଦି ଓଦା ଥାଏ ତେବେ ଆଦ୍ରତା ସୋସୁଥିବା ଜିନିଷ ଯେପରିକି ଚୂନ କୁ ଛିଂଚି ତା ଉପରେ ନୂଆ ଅଗାଡି ପକାଇବା ଦରକାର।

**ଆଲୋକ ପରିଚାଳନା :**

ବର୍ଷା ଋତୁ ମେଘ ଘୋଡାଇଥିବାରୁ ଆଲୋକର ପରିମାଣ କମିଯାଏ । ଏହା ଫଳରେ ଅଣ୍ଡା ଦେଉଥିବା କୁକୁଡ଼ା ଙ୍କ ଅଣ୍ଡା ଦେବା ପରିମାଣ କମିଯାଏ । ଏହାଛଡା ଚିଆଁ ରହୁଥିବା ଗୃହରେ ତାପମାତ୍ରା ନିୟନ୍ତ୍ରଣ କରିବା ଲାଗି ବିଦ୍ୟୁତ ଚାଳିତ ଲାଇଟ ଦେବା ଆବଶ୍ୟକ। ସାଧାରଣତଃ ୨୫-୪୦ watt ର ବିଦ୍ୟୁତ ଚାଳିତ ଲାଇଟ ବ୍ୟବହାର କରାଯାଏ।

**କୁକୁଡ଼ାଙ୍କୁ ବର୍ଷାଦିନେ ହେଉଥିବା ରୋଗ ଓ ଏହାର ପ୍ରତିକାର:**

ବର୍ଷା ଋତୁରେ ବାୟୁମଣ୍ଡଳରେ ଆଦ୍ରତା ବଢିଯିବାରୁ ଅନେକ ଭୁତାଣୁ, ଜୀବାଣୁ ଓ ପରଜୀବୀ ଙ୍କ ପ୍ରାଦୃଭାବ ବଢିଯାଏ । ତେଣୁ ଏହି ସମୟରେ କୁକୁଡ଼ା ଙ୍କୁ ବିଭିନ୍ନ ରୋଗ ହୁଏ । ଏହାର ଫଳ ସ୍ୱରୂପ ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ । ଏହି ଋତୁ ରେ ହେଉଥିବା ରୋଗ ମାନଙ୍କ ମଧ୍ୟରୁ -

ରାଣୀକ୍ଷେତ ରୋଗ (ଭୁତାଣୁ ଜନିତ ରୋଗ), ଇ-କୋଲି ଓ ଶ୍ୱାସକହିୟ ଜନିତ ରୋଗ (ଜୀବାଣୁ ଜନିତ ରୋଗ) ଓ କାକ୍ସିଡିଓସିସ (ପରଜୀବୀ ଜନିତ ରୋଗ) ଅଧିକ ଦେଖାଦିଏ ।

**ରାଣୀକ୍ଷେତ ରୋଗ:** ଏହି ରୋଗରେ ପଡିଲେ କୁକୁଡ଼ା ଶ୍ୱାସକ୍ରିୟା ରେ କଷ୍ଟ ଅନୁଭବ କରିବା, ଚାଲି ନ ପରିବା, ଥରିବା, ମୁଣ୍ଡ ମୋଡିକି ବସିବା, ଆଖି ଚାରିପାଖରେ ଫୁଲିବା, ପିଣୀଅ ଓ ସାଗୁଆ ରଙ୍ଗ ର ଝାଡା ହେବା ଆଦି ଲକ୍ଷଣ ଦେଖାଇ ମରିଯାନ୍ତି ।



ରାଣୀକ୍ଷେତ ରୋଗର ଲକ୍ଷଣ-
ମୁଣ୍ଡ ମୋଡିକି ବସିବା, ଆଖି ଚାରିପାଖରେ ଫୁଲିବା

**ଇ- କୋଲି ଓ ଶ୍ୱାସକ୍ରିୟା ଜନିତ ରୋଗ:** ଏହି ରୋଗରେ ପଡିକି କୁକୁଡ଼ା ମାନେ ପତଳା ଝାଡା ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି ଓ ମରିଯାନ୍ତି । ଯଦି କୁକୁଡ଼ା ଅଣ୍ଡା ଦେଉଥାନ୍ତି ତେବେ ତାଙ୍କର ଅଣ୍ଡା ଉତ୍ପାଦନ କମିଯାଏ ଓ ପତଳା ଖୋଳପା କିମ୍ବା ଫଟା ଖୋଳପା ଯୁକ୍ତ ଅଣ୍ଡା ଦିଅନ୍ତି ।



**ପତଳା ଖୋଳପା ଅଣ୍ଡା**

**କାକ୍ସିଡିଓସିସ ରୋଗ:** ଏହି ରୋଗରେ ପରଜୀବୀ ମାନେ କୁକୁଡ଼ାର ଅନ୍ତ ନାଡ଼ୀ କୁ ପଚେଇ ଦିଅନ୍ତି ।ଏହି ରୋଗରେ କୁକୁଡ଼ା ମାନେ ରକ୍ତ ଝାଡା କରନ୍ତି, ଖାଦ୍ୟ ଖାଇବା କମାଇ ଦିଅନ୍ତି, ଆଣ୍ଡ ଦେବା କମିଯାଏ ଓ ଶେଷରେ ମାରି ଯାନ୍ତି ।



କାକ୍ସିଡିଓସିସ ରୋଗରେ କୁକୁଡ଼ାର ଅନ୍ତ ନାଡ଼ୀ



ରକ୍ତ ଝାଡା

ସଠିକ ସମୟରେ ଟୀକା କାରଣ କରିବା, ଖାଦ୍ୟରେ ତଥା ପାଣିରେ ଆଣ୍ଟି ବାୟୋଟିକ ଦେବା ଓ ପରଜୀବୀ ନରୋଧକ କୁକୁଡ଼ା଼ଙ୍କୁ ଦେଇ ଏହି ମାରାତ୍ମକ ରୋଗରୁ କୁକୁଡ଼ାଙ୍କୁ ରକ୍ଷା କରିପାରିବା ।



କୁକୁଡ଼ାଙ୍କୁ ଟୀକା କାରଣ

## ବର୍ଷାକାଳୀନ ଅନ୍ୟାନ୍ୟ ଅସୁବିଧା ଓ ଏହାର ଉପଚାର:

- ବର୍ଷା ସମୟରେ ଭୂମିରେ ଥିବା ଗାତ ରେ ପାଣି ପଶିବାରୁ ବିଷଧର ସାପ ଙ୍କ ପାଦୁର୍ଭାବ ବଢିଯାଏ । ତେଣୁ ସେଥିଲାଗି ଧ୍ୟାନ ଦେବାକୁ ପଡେ ।
- କୁକୁଡ଼ା ଖାଦ୍ୟ ଗୋଦାମ ରେ ବର୍ଷା ଦିନରେ ସାପ ପଶିବାର ଅନେକ ଦୃଷ୍ଟାନ୍ତ ରହି ଅଛି । ତେଣୁ ଦାନା କାଢୁଥିବା ସମୟରେ ସଚେତନତା ଅବଲମ୍ବନ କରିବା ଉଚିତ ।
- ବାହାରେ ବୁଲୁଥିବା କୁକୁଡ଼ା ମାନଙ୍କୁ ମଧ୍ୟ ସାପ ଆକ୍ରମଣ କରିବା ଦେଖାଯାଏ, ସେଥିଲାଗି ଧ୍ୟାନ ଦେବାକୁ ପଡେ ।
- ବାହାରେ ଚରି ବୁଲୁଥିବା କୁକୁଡ଼ା ପୋକ ଅନ୍ୱେଷଣ ରେ ମାଟି କୁ ଆଁପୁଡୁ଼ ଥିବାରୁ ତା ଗୋଡ ଆଗରେ ମାଟିର ଗୋଲ ଗୋଲ ବଲ ଲାଗିଯାଏ ଓ କେତେକ କୁକୁଡ଼ାଙ୍କ ପାଦ ଫାଟିଯିବାର ଦେଖାଯାଏ ଏହିଲାଗି ମଧ୍ୟ ସଚେତନ ହେବାକୁ ହୁଏ ।

ଭାରତ ତଥା ଓଡ଼ିଶାର ବର୍ଦ୍ଧିତ ଜଣ ସଂଖ୍ୟାକୁ ନଜର ରଖି ସମସ୍ତଙ୍କୁ ଉତ୍ତମ ପୃଷ୍ଟିକର ଖାଦ୍ୟ ଯୋଗାଇବାରେ, ଅପପୃଷ୍ଟି ଦୂର କରିବାରେ ଓ ବେରୋଜଗାରଙ୍କୁ ରୋଜଗାର ଯୋଗାଇବାରେ କୁକୁଡ଼ା ଚାଷ ର ଭୂମିକା ଅଗ୍ରଣିୟ । କିନ୍ତୁ ଏହି ବର୍ଷ ଦିନରେ ହେଉଥିବା ଅସୁବିଧା ଯୋଗୁ ଅନେକ ଚାଷୀ କ୍ଷତିଗ୍ରସ୍ତ ହୁଅନ୍ତି । ତେଣୁ ଉପରୋକ୍ତ ସମସ୍ୟା କୁ ଧ୍ୟାନ ରେ ରଖି ସଠିକ ପଦକ୍ଷପ ନେଲେ ଏହି ବର୍ଷାଋତୁ କାଳୀନ ସମସ୍ୟା କୁ ଦୂରେଇପାରିବା ।





ଡ଼ ପିନାକୀ ସାମଲ
ସ୍ନାତକତ୍ତର (ପ୍ରାଣୀ ଭେଷଜ ବିଜ୍ଞାନ)

ଡ଼ ଅରୁଣ କୁମାର ପଣ୍ଡା
ପ୍ରଧାନ ବୈଜ୍ଞାନିକ

ଆଇ. ସି. ଏ. ଏର - କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ

**Important E-mail IDs of Krishi Jagran**

**Content Contribution**
editor@krishijagran.com
**English**
english@krishijagran.com
**Hindi**
hindi@krishijagran.com
**Gujarati**
gujarati@krishijagran.com
**Punjabi**
punjabi@krishijagran.com
**Marathi**
marathi@krishijagran.com
**Kannada**
kannada@krishijagran.com
**Tamil**
tamil@krishijagran.com
**Malayalam**
malayalam@krishijagran.com
**Telugu**
telugu@krishijagran.com
**Bengali**
bengali@krishijagran.com
**Assamese**
assamese@krishijagran.com
**Odia**
odia@krishijagran.com
**Advertisement**
advt@krishijagran.com
**Suggestions**
feedback@krishijagran.com
**Subscriptions**
circulation@krishijagran.com
**Conferences & Exhibitions**
events@krishijagran.com